# ଅଟକିଛି ସରକାରୀ ବାସଗୃହ ନିର୍ମାଣ କାର୍ଯ୍ୟ


ଅଧାପନ୍ତରିଆ ଗୃହ ।

ଖଜୁରୀପଡ଼ା,୧।୧(ବିଦୁର ବେହେରା)

ଗ୍ରାମ ପଞ୍ଚାୟତ ଗୁଡ଼ିକରେ ବିଭିନ୍ନ ପ୍ରକାର ଉନ୍ନୟନ ମୂଳକ କାର୍ଯ୍ୟକରିବା ନିମନ୍ତେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଆଜି ବି ବିଭିନ୍ନ ପଞ୍ଚାୟତର ବିକାଶ ନିମନ୍ତେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଗୁଡ଼ିକ ଅସମ୍ପୂର୍ଣ୍ଣ ଅବସ୍ଥାରେ ଦୀର୍ଘ ବର୍ଷ ହେବ ପଡ଼ି ରହିଛି। ଏହାର ଏକ ଉଦାହରଣ ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ସୁଡରେଙ୍ଗୁ ଗ୍ରାମପଞ୍ଚାୟତରେ ଦେଖିବାକୁ ମିଳିଛି।

ଦୀର୍ଘ ବର୍ଷ ହେବ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପଛରେ ପିଇଓଙ୍କ ନିମନ୍ତେ ସରକାରୀ ବାସଗୃହ ନିର୍ମାଣ ଲାଗି ୨୦୧୮-୧୯ ଆର୍ଥିକ ବର୍ଷରେ ସରକାରଙ୍କ ୪ର୍ଥ ଅର୍ଥ ଆୟୋଗ ତରଫରୁ ୬.୫୦ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର ହୋଇଥିଲା। ଉକ୍ତ ଗୃହ କାର୍ଯ୍ୟକୁ ଡିପାର୍ଟମେଣ୍ଟାଲ ଭାବେ ଆରମ୍ଭ କରାଯାଇଥିଲା। କାର୍ଯ୍ୟ ଶେଷ କରିବା ଅବଧି ୬ମାସ ଥିବା ବେଳେ ଆଜକୁ ୪ବର୍ଷ ବିତିଗଲାଣି ହେଲେ ଉକ୍ତ କାର୍ଯ୍ୟ ଛାତ ପଡ଼ି ରହି ଯାଇଛି । ପିଇଓଙ୍କ ନିମନ୍ତେ ସରକାରୀ ବାସଗୃହ ନିର୍ମାଣ ହେଉଛି। ଅଥଚ ସେ ଏହି କାର୍ଯ୍ୟକୁ ଅର୍ଦ୍ଧନିର୍ମିତ ଅବସ୍ଥାରେ ରଖିଛନ୍ତି।

ସେହିପରି ଆର୍ଥିକ ବର୍ଷ ୨୦୨୦- ୨୧ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଫାଉଣ୍ଡେଶନ ଅବସ୍ଥାରେ ପଡ଼ି ରହିଛି ତାହା ଆଗକୁ କାର୍ଯ୍ୟ ହେବାରେ ନାଁ ଧରୁନି। ସେହି ଜାଗାରେ ଲୋଟା ବୁଦା ହୋଇ ଅନାବନା ଗଛ ଉଠି ରହିଛି। ଆର୍ଥିକ ବର୍ଷ ୨୦୧୮-୧୯ରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କାରେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଥିଲା ତାହା ଛାତ ପଡ଼ି ରହିଛି। କିନ୍ତୁ ପ୍ଲାଷ୍ଟର କରାଯାଇ ସମ୍ପୂର୍ଣ୍ଣ କରିବା ଦିଗରେ ଚେଷ୍ଟା ହେଉ ନାହିଁ। ସେହିପରି ପଞ୍ଚାୟତ ସମ୍ମୁଖରେ ୨୦୧୮-୧୯ ବର୍ଷରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ମାର୍କେଟ କମ୍ପ୍ଲେକ୍ସ ଘର ନିର୍ମାଣ କରାଯାଉଛି। ତାହା ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଛାତ ପଡ଼ି ବର୍ଷ ବର୍ଷ ଧରି ପଡ଼ି ରହିଛି। ପ୍ରତ୍ୟେକ କାମ ବିଭାଗୀୟ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାମରେ ରହି କରାଯାଉଛି। ହେଲେ କ'ଣ ଅସୁବିଧା ହେଲା ଯେ ଅନେକ ସରକାରୀ ପ୍ରକଳ୍ପ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି ତାହା ତଦନ୍ତ ସପେକ୍ଷ।

ଅନ୍ୟ ପକ୍ଷରେ ଯଦି ପ୍ରକଳ୍ପ ଅଟକଳ ମୂଲ୍ୟ ନିର୍ଦ୍ଧାରଣ କରାଯାଇ ଅନୁଦାନ ଅଣାଗଲା ତାପରେ ଅର୍ଥ ମଞ୍ଜୁର ହୋଇ ଆସିଲା କାର୍ଯ୍ୟ ଆରମ୍ଭ ହେଲା ତା'ହେଲେ ଅର୍ଦ୍ଧାନିର୍ମିତ ଅବସ୍ଥାରେ ରହିଲା କାହିଁକି? ଅସମ୍ପୂର୍ଣ୍ଣ କାର୍ଯ୍ୟ ପାଇଁ ଦାୟୀ କିଏ? ସରକାରୀ ଅନୁଦାନ ଖର୍ଚ୍ଚ କରିବାରେ ପ୍ରଶାସନ ବିଫଳ କି? ଯଦି ବିଫଳ ତା'ହେଲେ ଅନୁଦାନ ପରେ ଅନୁଦାନ ଆସୁଛି କାହିଁକି। ଅସମ୍ପୂର୍ଣ୍ଣ ହୋଇ ଦୀର୍ଘ ଦିନ ହେଲା ପଡିରହିଥିବା କାର୍ଯ୍ୟ ଗୁଡିକ ବିଷୟରେ ଉଚ୍ଚ ପଦାଧିକାରୀମାନେ ତର୍ଜମା କରୁନାହାନ୍ତି କାହିଁକି? ଏପରି ଅନେକ କାର୍ଯ୍ୟ ଗୁଡ଼ିକ ଏହି ପଂଚାୟତରେ ଅସମ୍ପୂର୍ଣ୍ଣ ଅବସ୍ଥାରେ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ି ରହିଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଏଣୁ ଶୀଘ୍ର ଏ ଅସମ୍ପୂର୍ଣ୍ଣ ପ୍ରକଳ୍ପଟିକୁ ସମ୍ପୂର୍ଣ୍ଣ କରିବା ନିମନ୍ତେ ଅଞ୍ଚଳ ବାସି ଦାବି କରୁଛନ୍ତି । ଏ ନେଇ ବିଡିଓ ଜର୍ଜ ଡୁଙ୍ଗୁ ଡୁଙ୍ଗୁଙ୍କ ପ୍ରତିକ୍ରିୟା ନେବାରୁ ଏହାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ସେ କହିଛନ୍ତି।

## ସଂକ୍ଷେପରେ

### ଅଯୋଧ୍ୟା ଯାଉଥିବା ୨ପଦଯାତ୍ରୀଙ୍କୁ ସମ୍ବର୍ଦ୍ଧନା

ରମ୍ଭା,୧।୧(ବନବାସୀ ସେଠୀ)

ବ୍ରହ୍ମପୁର ଉପକଣ୍ଠ କନିଷ୍ଠିଠାରୁ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବାକୁ ୧୪୦୦ କିଲୋମିଟର ପାଦରେ ଚାଲି ଚାଲି ଯାଉଥିବା ଦୁଇ ଯୁବକଙ୍କୁ ରମ୍ଭା ଦୁର୍ଗାମଠଠାରେ ଭାଜପା ମଣ୍ଡଳ ସଭାପତି ସୀମାଞ୍ଚଳ ବାଡତ୍ୟା, ଏନ୍ଏସି ଅଧକ୍ଷା ମାନସୀ ସ୍ୱାଇଁ, ଅଧକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ, ଉପାଧକ୍ଷ କାଳିଆ ତରେଇ, ଉମାକାନ୍ତ ତରେଇ, କାଳିଆ ବେହେରା, ବାନାମ୍ବର ସେଠ୍ ଓ କେଦାର ବାରିକଙ୍କ ସମେତ ବହୁ ଗ୍ରାମବାସୀ ଜୟ ଶ୍ରୀରାମ ନାରା ଦେଇ ପୁଷ୍ପମାଲ୍ୟ ସହ ସମ୍ବର୍ଦ୍ଧନା ଜଣାଇଥିଲେ।

### ଆଇସିସି ଇଚ୍ଛାପୁରମକୁ ହରାଇଲା ଏନ୍ଏନ୍ଏସ୍ ଉତ୍ତରପ୍ରଦେଶ

ରମ୍ଭା,୧।୧(ବନବାସୀ ସେଠୀ)

ସ୍ଥାନୀୟ ହାଇସ୍କୁଲ ସ୍ଥିତ ମିନି ଷ୍ଟାଡିୟମଠାରେ ସରୋଜିନୀ ସୁବୁଦ୍ଧି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରମ୍ଭା କ୍ରିକେଟ କପ ୨୦୨୩ ୯ମ ଦିନରେ ଏନ୍ଏନ୍ଏସ ସହ ଆଇସିସି ଇଚ୍ଛାପୁରମ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ପ୍ରଥମେ ମହିଳା କ୍ରିକେଟ ହୋଇଥିଲା। ତା'ପରେ ଉତ୍ତରପ୍ରଦେଶ ଟସ ଜିତି ପ୍ରଥମ ବୋଲିଂରେ ୨୦ ଓଭର ଅଲଆଉଟ ୧୬୩ ରନ କରି ବିଜେତା ଘୋଷଣା ହୋଇଥିବା ବେଳେ ଇଚ୍ଛାପୁରମ ୨୦ ଓଭରରେ ୭ ଉଇକେଟ ପତନରେ ୧୫୬ ରନ କରି ପରାସ୍ତ ହୋଇଥିଲେ। ମୁଖ୍ୟଅତିଥି ଭାବେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ଓଡ଼ିଶା କଳିଙ୍ଗ ବୈଶ୍ୟ ସଂଘ ସଭାପତି ଟି. କେଦାରନାଥ ସୁବୁଦ୍ଧି, ଟି. ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଭାଜପା କାର୍ଯ୍ୟକାରିଣୀ ସଭାପତି ପ୍ରଶାନ୍ତ କୁମାର କର, ରମ୍ଭା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳା, ଅଧକ୍ଷା ମାନସୀ ସ୍ୱାଇଁ, ସଞ୍ଜୀବ ରାଉଳ, କେ. ରଘୁନାଥ ରେଡ୍ଡୀ, ନୀତେଶ କୁମାର ସେନାପତି, ମୁନା ପାତ୍ର ଏବଂ ରମ୍ଭା କ୍ରିକେଟ କପ ସମିତିର ଚେୟାରମ୍ୟାନ ଟି. ବାପୁଜୀ ସୁବୁଦ୍ଧି, ସଭାପତି ସୀମାଞ୍ଚଳ ବାଡତ୍ୟା, ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ସହସମ୍ପାଦକ କ୍ଷେତ୍ର ମୋହନ ବେହେରା, ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସିନ ହୋଇ ମେନ ଅଫ ଦୀ ମେଚ ବିବେଚିତ ହୋଇଥିବା ଉତ୍ତରପ୍ରଦେଶ ନିଶାନ୍ତ ସିଂ ଏବଂ ମେନ ଅଫ ଦି ସିରିଜ ଏସଡ଼ିଏନ ପ୍ରସାଦ ଇଚ୍ଛାପୁରମଙ୍କୁ କପ ପ୍ରଦାନ କରିଥିଲେ। ରମ୍ଭାର କ୍ରିକେଟ ଗୌରବ ପ୍ରଫୁଲ୍ଲ ତରାଇ ଓ ଜୁଲ୍ଲୀ ବେହେରାଙ୍କୁ ସିଲ କପ ପ୍ରଦାନ କରିବା ସହ ସମସ୍ତ ସଦସ୍ୟଙ୍କୁ ସିଲ ପ୍ରଦାନ କରାଯାଇଥିଲା।

### ଜେସିବି ପୋଡ଼ିଲେ ଦୁର୍ବୃତ୍ତ

ଧରାକୋଟ,୧।୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ )

ଧରାକୋଟ ବ୍ଲକ ସରଧାପୁର ପଞ୍ଚାୟତ କୁଶରାବ ଗ୍ରାମର ନୀଳାଞ୍ଚଳ ଗୌଡ଼ଙ୍କ ଜେସିବି ମେଶିନକୁ କେହି ଦୁର୍ବୃତ୍ତ ରବିବାର ବିଳମ୍ବିତ ରାତିରେ ପୋଡ଼ି ଦେଇଛନ୍ତି। ରବିବାର ଜିରୋ ନାଇଟ ପାଇଁ ସବୁଠି ପ୍ରାୟ ରାତି ୧୨ଟା ପର୍ଯ୍ୟନ୍ତ ଗହଳି ଥିଲା। ଏହାପରେ ରାତି ୧ଟାରେ ଜେସିବିରେ କେହି ନିଆଁ ଲଗାଇ ଦେଇଥିବା ନୀଳାଞ୍ଚଳ ଜାଣିବା ପରେ ଧରାକୋଟ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ଅଧିକାରୀ ଚିତ୍ତରଞ୍ଜନ ସାହୁଙ୍କ ନେତୃତ୍ୱରେ ଦମକଳ ବାହାନି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ ମଧ ଜେସିବିଟି ସମ୍ପୂର୍ଣ ଜଳିଯାଇଛି। ଧରାକୋଟ ଥାନାରେ ଅଭିଯୋଗ ହେବାପରେ ଥାନା ତରଫରୁ ତଦନ୍ତ ଆରମ୍ଭ ହୋଇଛି।

# ସଡ଼କ ସୁରକ୍ଷା ସପ୍ତାହ ପାଳନ


ଜିଲାପାଳ, ଏସ୍ପି ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ଫୁଲବାଣୀ,୧।୧(ରାକେଶ କୁମାର ରାଉତ)

ଦେଶ, ରାଜ୍ୟ ତଥା ଜିଲାରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ଦିନକୁ ଦିନ ବଢ଼ିବାରେ ଲାଗିଛି। କନ୍ଧମାଳ ଜିଲାରେ ମଧ ପୂର୍ବାପେକ୍ଷା ମୃତ୍ୟୁହାର ବୃଦ୍ଧି ପାଉଛି। ଏହି ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟାକୁ କମାଇବା ପାଇଁ ଓ ସରକାରଙ୍କ ପରିବହନ ବିଭାଗର ନିର୍ଦ୍ଦେଶ କ୍ରମେ ୧ ରୁ ୭ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏକ ଏଲ.ଇ.ଡି. ଭ୍ୟାନ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ ପାତ୍ର ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ସଡ଼କ ସୁରକ୍ଷା ସପ୍ତାହର ବାର୍ତ୍ତା ଥିଲା "ସଡ଼କ ସୁରକ୍ଷା, ପରିବାର ରକ୍ଷା"। ଜନସାଧାରଣ ରାସ୍ତାରେ ଯାନବାହନ ଚଳାଚଳ କରିବା ସମୟରେ ନିୟମଗୁଡ଼ିକ ଅନୁପାଳନ କରି ସୁରକ୍ଷିତ ରହିବାକୁ କୁହାଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ଜନ ସାଧାରଣଙ୍କୁ ସଚେତନ କରାଇଥିଲା। ନେହେରୁ ଯୁବ କେନ୍ଦ୍ର, ଟିମ ହ୍ୟୁମାନିଟି, ପୋଲିସ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଏଥିରେ ସାମିଲ ହୋଇଥିଲେ ।

# ଅସହାୟ ବୃଦ୍ଧାବୃଦ୍ଧଙ୍କୁ ବସ୍ତ୍ର ବଣ୍ଟନ



ଛତ୍ରପୁର,୧।୧(ଦିଲୀପ ସାମଲ):

ଛତ୍ରପୁର ୧୦ ନମ୍ବର ୱାର୍ଡର କାଉନସିଲର ଦେବାଶିଷ ମିଶ୍ର ନିଜେ ଗଢ଼ିଥିବା ରାଧେଶ୍ୟାମ ଫାଉଣ୍ଡେଶନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ମାଧ୍ୟମରେ ବିଭିନ୍ନ ସମୟରେ ସାମାଜିକ କାର୍ଯ୍ୟ କରି ଆସୁଛନ୍ତି। ସୋମବାର ନୂତନବର୍ଷର ପ୍ରଥମ ଦିନ ଛତ୍ରପୁର ତାଡ଼େପଲ୍ଲୀ ସାହି ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସେ ବହୁ ଅସହାୟ ବୃଦ୍ଧାବୃଦ୍ଧମାନଙ୍କୁ ବସ୍ତ୍ର ବଣ୍ଟନ କରି ସେମାନଙ୍କ ସହିତ ମିଶି ମହାପ୍ରଭୁଙ୍କ ପ୍ରସାଦ ସେବନ କରିଥିଲେ । ତାଙ୍କର ଏଭଳି କାର୍ଯ୍ୟକୁ ପ୍ରଶଂସା କରାଯାଇଛି। କାର୍ଯ୍ୟକ୍ରମରେ ଛତ୍ରପୁରର ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଛତ୍ରପୁର ବିଜେଡିର ନଗର ସଭାପତି ବି. ରାଜୁବାବୁ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ଦାଶ,ଆଇନଜୀବୀ ପ୍ରଶାନ୍ତ ଶତପଥି, ସମାଜିକ କର୍ମୀ ଏସ. ରାମ ମୋହନ ରାଓ, ଋଷିକୂଲ୍ୟା ରୟତ ମହାସଭା ସମ୍ପାଦକ ସିମାଞ୍ଚଳ ନାହାକ, ଦଳିତ ମହିଳା ସଂଗଠନ ସଂଯୋଜିକା ମିନି ମହାପାତ୍ର, ବିଜୁ ଜନତା ଦଳର ନଗର ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ, ରାଧେ ଶ୍ୟାମ ଫାଉଣ୍ଡେସନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର ସହ -ସମ୍ପାଦିକା ଗୀତା ସାହୁ ଯୋଗ ଦେଇଥିଲେ।

# ବିଭିନ୍ନ ମନ୍ଦିରରେ ପହିଲି ଭୋଗ ନୀତି

ବୁଗୁଡା,୧।୧(କାଳି ଚରଣ ଦାଶ)



ପବିତ୍ର ପୌଷ ଧନୁ ସଂକ୍ରାନ୍ତିଠାରୁ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ମନ୍ଦିରରେ ପହିଲି ଭୋଗ ନୀତି ଆରମ୍ଭ ହୋଇଯାଇଛି। ବୁଗୁଡା ସହରାଞ୍ଚଳର ବିରଞ୍ଚି ନାରାୟଣ ମନ୍ଦିର, ବଳଦେବ ମନ୍ଦିର, କାଳୀ ମନ୍ଦିର, ମାଳିଖୋଲା ମନ୍ଦିର ସମେତ ଗ୍ରାମାଞ୍ଚଳରେ କାଦପଡାର ଜଗନ୍ନାଥ ମନ୍ଦିର, ଆଦିପୁରର ଜଗନ୍ନାଥ ମନ୍ଦିର, କୈଳାସନଗରର ରାଧାକୃଷ୍ଣ ମନ୍ଦିର, କତକଲାର ଦଧିବାମନ ମନ୍ଦିର ଓ ଠାକୁରାଣୀ ମନ୍ଦିର, ବିରଞ୍ଚିପୁରର ପଞ୍ଚମୁଖୀ ହନୁମାନ ମନ୍ଦିର ଓ ଗୋପୀନାଥ ମନ୍ଦିର, କଦମ୍ବ ମଠର ରଘୁନାଥ ମନ୍ଦିର, ବି. କରଡ଼ାବାଡ଼ିର ରାଧାକୃଷ୍ଣ ମନ୍ଦିର, ନୂଆଁ ଦଦରାଖୋଲର ଗୋପୀନାଥ ମନ୍ଦିର, ଭଗବାନପୁରର ରାଧାକୃଷ୍ଣ ମନ୍ଦିର, କରଚୁଲିର ଲକ୍ଷ୍ମୀ ନାରାୟଣ ମନ୍ଦିର, ବାଲିପଦରର ରଘୁନାଥ ସ୍ୱାମୀ ମନ୍ଦିର ଓ ଜଗନ୍ନାଥ ମନ୍ଦିର, ଅରଖପୁରର ରାଧାକୃଷ୍ଣ ମନ୍ଦିର, ବିଷ୍ଣୁଚକ୍ରର ହୟଗ୍ରୀବ ନାରାୟଣ ମନ୍ଦିର, କଞ୍ଚୁରୁର ନୃସିଂହନାଥ ମନ୍ଦିର, ଅନ୍ତରପଡାର ରଘୁନାଥ ସ୍ୱାମୀ ମନ୍ଦିର, ତାଳସାକରର ଜଗନ୍ନାଥ ମନ୍ଦିର, ମୋଟାବାଡ଼ିର ରାଧାକୃଷ୍ଣ ମନ୍ଦିର, ଡାକରାବାଡିର କାଳୀ ମନ୍ଦିର, ଭାମଶିଆଳିର କାଳୀ ମନ୍ଦିର, ଗୋଳିଆର ଜଗନ୍ନାଥ ମନ୍ଦିର, ବାଦୁଆର ରାଧାକୃଷ୍ଣ ମନ୍ଦିର, ଚିରିକିପଡାର କାଳୀ ମନ୍ଦିର, କାନକୁଟୁରୁର ଜଗନ୍ନାଥ ମନ୍ଦିର ଓ ସଙ୍କୁରୁର ଗୋପୀନାଥ ମନ୍ଦିରରେ ଧନୁ ମୁଆଁ ଭୋଗ ସହ ପହିଲି ଭୋଗ ଆରମ୍ଭ ହୋଇଛି। ଭୋଗ ପାଇଁ ଖିରି ଓ ପୁରି ସମେତ ଅନେକ ପ୍ରକାରର ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ ପୂର୍ବକ ବ୍ରାହ୍ମ ମୁହୂର୍ତ୍ତରେ ମଙ୍ଗଳ ଆଳତି ପରେ ସୂର୍ଯ୍ୟୋଦୟ ପୂର୍ବରୁ ମନ୍ଦିରରେ ପହିଲି ଭୋଗ ନୀତି ପାଳନ କରାଯାଏ। ଧନୁ ସଂକ୍ରାନ୍ତି ଠାରୁ ଆରମ୍ଭ ହୋଇଥିବା ଏହି ପହିଲି ଭୋଗ ନୀତି ଆଗାମୀ ମକର ସଂକ୍ରାନ୍ତିର ପୂର୍ବଦିନ ଯାଏ ଚାଲିବାକୁ ଥିବାବେଳେ ପହିଲି ଭୋଗ ପାଇଁ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

# ନିମନ୍ତ୍ରଣ ଓ ଅକ୍ଷତ ରଥ ପରିଭ୍ରମଣ

ଚାନ୍ଦିପୁଟ,୧।୧(କେ.ପ୍ରମୋଦ କୁମାର ଦୋରା)

ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ନିମନ୍ତେ ଜନ୍ମଭୂମି ଅଯୋଧ୍ୟା ତୀର୍ଥକ୍ଷେତ୍ର ମନ୍ଦିରର ନିମନ୍ତ୍ରଣ ଓ ଅକ୍ଷତ ବିତରଣ ରଥ ଶୁଭାରମ୍ଭ ହୋଇଯାଇଛି। ଚାନ୍ଦିପୁଟ ସ୍ଥିତ ଶ୍ରୀ ଚନ୍ଦ୍ରଶେଖର ମହାଦେବଙ୍କ ପ୍ରାଙ୍ଗଣରୁ ପରିକ୍ରମା ରଥ ବାହାରିଥିଲା। ଜାନୁୟାରୀ ୧ ରୁ ୭ ତାରିଖ ଯାଏ ପ୍ରତି ଗ୍ରାମ ପରିଭ୍ରମଣ କରି ପ୍ରତି ପରିବାରକୁ ନିମନ୍ତ୍ରଣ ଓ ଅକ୍ଷତ ବିତରଣ କରାଯିବ। ଏହି କାର୍ଯ୍ୟକ୍ରମକୁ ଆରଏସ୍ଏସ ପରିବାରର ତରଣି ସେନ ଦାଶ, ଅଶୋକ ରଣଜିତ, ବୈଦ୍ୟନାଥ ଦାଶ, ଶିବରାମ ସୁଆର ଏବଂ ସମସ୍ତ ଆର୍ଏସ୍ଏସ୍ ସଂଘ ପରିବାରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

# ମହେନ୍ଦ୍ରଗଡରେ ଆର୍ଏସ୍ଏସ୍ ଜିଲା ସମ୍ମିଳନୀ

ଆର.ଉଦୟଗିରି,୧।୧(ମନୋଜ କୁମାର ପାଢୀ)

ଗଜପତି ଜିଲା ମହେନ୍ଦ୍ରଗଡ଼ରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗତ ଏକ ସପ୍ତାହ ଧରି ଚାଲିଥିବା ପ୍ରାଥମିକ ଶିକ୍ଷା ବର୍ଗ ଶନିବାର ରାତିରେ ସମରୋପ ହୋଇଛି। ରବିବାର ପ୍ରାୟ ୪ ଶହରୁ ଅଧିକ ପୂର୍ଣ୍ଣ ଗଣବେଶ ଧାରି ସ୍ୱୟଂସେବକ ତିବତିୟ ଖେଳ ପଡିଆରୁ ଘୋଷ ବାଦ୍ୟ ସହ ବାହାରି ମହେନ୍ଦ୍ରଗଡ଼ ଗ୍ରାମ ପରିକ୍ରମା କରିଥିଲେ। ଏହାପରେ ଏକ ସାଧାରଣ ସଭା ଆୟୋଜିତ ହେବା ସହ ସ୍ୱୟଂସେବକମାନେ ଦଣ୍ଡ ଚାଳନା, ନିଉଧ, ଘୋଷ, ବ୍ୟାୟାମ ଯୋଗ ପ୍ରଦର୍ଶନ କରିଥିଲେ। ଜିଲା କାର୍ଯ୍ୟବାହ ଅମୂଲ୍ୟ ପାତ୍ରଙ୍କ ସଂଯୋଜନାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟବକ୍ତା ଭାବେ ଗଞ୍ଜାମ ବିଭାଗ ସଂଘଚାଳକ ଭଗବାନ ତ୍ରିପାଠୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବୁଦ୍ଧିଜୀବୀ ପ୍ରକାଶ ପଣ୍ଡା, ଜିରାଙ୍ଗ ବୌଦ୍ଧ ମନ୍ଦିର ଗୁରୁଜୀ ଖେନ୍ପୋ ପେମା ଆଙ୍ଗେଲ ଓ ଗଜପତି ଜିଲା ସଂଘ ଚାଳକ ଗୌରାଙ୍ଗ ପାଣିଗ୍ରାହି ପ୍ରମୁଖ ଯୋଗଦେଇଥିଲେ।

# ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

ଛତ୍ରପୁର,୧।୧(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)


ଜଣେ ହିତାଧିକାରୀଙ୍କୁ ମଧୁବାବୁ ପେନସନ ପତ୍ର ପ୍ରଦାନ କରାଯାଉଛି।

ଛତ୍ରପୁରସ୍ଥିତ ଜଉଗଡ ସମ୍ମିଳନୀରେ ସୋମବାର ଗଞ୍ଜାମ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ତରଫରୁ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ୍ ଏବଂ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ଉପସ୍ଥିତ ରହି ଜନ ଅଭିଯୋଗ ଶୁଣାଣି କରିଥିଲେ। ଶିବିରରେ ମୋଟ ୩୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ସମସ୍ତ ଅଭିଯୋଗ ବ୍ୟକ୍ତିଗତ ଥିଲା। ନୂତନ ବର୍ଷର ପ୍ରଥମ ଦିନ ଏହି ଜନଶୁଣାଣି ହୋଇଥିବାରୁ ସେଭଳି ଭିଡ ପରିଲକ୍ଷିତ ହୋଇ ନ ଥିଲା। ଜିଲା ସମାଜ କଲ୍ୟାଣ ବିଭାଗ ତରଫରୁ ୧୦ ହିତାଧିକାରୀଙ୍କୁ ମଧୁବାବୁ ପେନସନ୍ ପତ୍ର ଓ ଜମାଖାତା ପ୍ରଦାନ କରାଯାଇଥିଲା। ଶିବିରରେ ଛତ୍ରପୁର ଉପଜିଲାପାଳ ଦେବଦତ୍ତ ମହନ୍ତ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ କଲ୍ୟାଣୀ ଦାଶ, ପୋଲିସ ବିଭାଗୀୟ ଅଧିକାରୀଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ନୂଆ ବର୍ଷରେ ଅର୍ଥମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇବା ପାଇଁ ଭିଡ଼


ମନ୍ତ୍ରୀଙ୍କୁ ସ୍ୱାଗତ କରିବାକୁ ଆସିଥିବା ଲୋକେ।

ଭଞ୍ଜନଗର, ୧।୧(ବାବୁଲା ପ୍ରଧାନ)

ନୂଆବର୍ଷ ଅବସରରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ସ୍ୱାଗତ ଜଣାଇବା ପାଇଁ ସୋମବାର ସକାଳୁ ମନ୍ତ୍ରୀଙ୍କ ଅଗଖୋଳ ସ୍ଥିତ ବାସଭବନରେ ଜିଲା ଓ ଜିଲା ବାହାର ଲୋକଙ୍କ ଭିଡ ଜମିଥିଲା। ପ୍ରାୟ ୧୦ ହଜାର ବିଭିନ୍ନ ବର୍ଗର ଲୋକେ ମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ମନ୍ତ୍ରୀ ମଧ ସମସ୍ତ ଅଫିସର, ନେତା, କର୍ମୀ, ସାଧାରଣ ଜନତାଙ୍କୁ ମିଷ୍ଟାନ୍ନ ଦେଇ ସ୍ୱାଗତ କରିଥିଲେ। ଭିଡ ଯୋଗୁ ଅଗଖୋଳ ଗ୍ରାମ ରାସ୍ତାରେ କିଛି ସମୟ ପାଇଁ ଟ୍ରାଫିକ ସମସ୍ୟା ଦେଖାଦେବାରୁ ପୋଲିସ ତାହାକୁ ନିୟନ୍ତ୍ରଣ କରିଥିଲା। ସେହିଭଳି ଭଞ୍ଜନଗର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ଏବଂ ବେଲେଶ୍ୱର ପୀଠରେ ମଧ ୨୦ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳିଛି। ଟ୍ରାଫିକ ବ୍ୟବସ୍ଥାକୁ ପୋଲିସ ନିୟନ୍ତ୍ରଣ କରିଥିଲା।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ରାମଗିରି,୧।୧(ବୃନ୍ଦାବନ ଗୌଡ଼)


ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଉଛି।

ଆର.ଉଦୟଗିରି ବ୍ଲକ ରାମଗିରି ଗ୍ରାମପଞ୍ଚାୟତ ସ୍ଥିତ ମହେନ୍ଦ୍ରଗିରି ଉଚ୍ଚ ମାଧମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଦେଢ଼ ମାସ ଧରି ଚାଲିଥିବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା, ସଫେଇ, ସଡ଼କ ସୁରକ୍ଷା ସଚେତନତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସରିଛି। ନୋଡାଲ ଅଫିସର ତଥା ବିଦ୍ୟାଳୟ ଅଧକ୍ଷା ପ୍ରିୟଦର୍ଶିନୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆର.ଉଦୟଗିରି ବ୍ଲକ ପଞ୍ଚାୟତ ସମିତି ଅଧକ୍ଷ ଲକ୍ଷ୍ମୀନାରାୟଣ ଶବର, ମୁଖ୍ୟବକ୍ତା ଭାବେ ବିଜେଡି ଜିଲା ସଭାପତି ଜଗବନ୍ଧୁ ଦାସ, ରାମଗିରି ଥାନା ଭାରପ୍ରାପ୍ତ ଅଧିକାରୀ ଲୋକନାଥ ବେହେରା, ରାମଗିରି ଗ୍ରାମପଞ୍ଚାୟତ ନାଏବ ସରପଞ୍ଚ ରାଜେନ୍ଦ୍ର କୁମାର ମାଝୀ, ଅଧ୍ୟାପକ ସୁଶାନ୍ତ କୁମାର ତ୍ରିପାଠୀ, ଆନନ୍ଦ ଭୂୟାଁ, ଜି. ଅଲେଖ ପାତ୍ର, ଅଂଶୁମାନ ପଣ୍ଡା ଏବଂ ବାବୁଲି ସେଠି ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯିବା ସହ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ସୌଦାମିନୀ ମହାରଣା ମଞ୍ଚ ପରିଚାଳନା କରିଥିଲେ।

# ଉତ୍କଳ ବାଳାଶ୍ରମର ଶିଶୁଙ୍କ ସହ ନବବର୍ଷ ପାଳିଲେ ଜିଲାପାଳ

ପାରଳାଖେମୁଣ୍ଡି,୧।୧(ଗିରିଧାରୀ ପରିଛା)



ଜିଲାପାଳ ଶିଶୁମାନଙ୍କ ସହ ଭାବ ବିନିମୟ କରୁଛନ୍ତି।

ପିତୃମାତୃହୀନ ଶିଶୁଙ୍କ ଯତ୍ନ ଓ ସୁରକ୍ଷା ନିମନ୍ତେ ଜିଲ୍ଲା ପ୍ରଶାସନ ଦ୍ୱାରା ପରିଚାଳିତ ହେଉଥିବା ଶିଶୁ ଯତ୍ନ ଅନୁଷ୍ଠାନ ଉତ୍କଳ ବାଳାଶ୍ରମ ଏବଂ ପ୍ରାଉଡ଼ ଶିଶୁ ଯତ୍ନ ଅନୁଷ୍ଠାନର ପ୍ରାୟ ୭୦ ରୁ ଅଧିକ ଶିଶୁକନ୍ୟା ମାନଙ୍କ ସହ ନୂତନ ବର୍ଷ ପାଳିଲେ ଗଜପତି ଜିଲାପାଳ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ। ପ୍ରଥମେ ଜିଲାପାଳ ଓ ପିଲାମାନେ ମିଶି କେକ କାଟି ନୂତନ ବର୍ଷକୁ ସ୍ୱାଗତ କରିଥିଲେ। ପରବର୍ତ୍ତି ସମୟରେ ଜିଲ୍ଲାପାଳ ପ୍ରତ୍ୟେକ ପିଲାଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜ୍ଞାପନ କରିଥିଲେ ଓ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପରେ ଶିଶୁମାନେ ଉପସ୍ଥିତ ଅତିଥି ମାନଙ୍କ ଗହଣରେ ନୃତ୍ୟ ପରିବେଷଣ କରିଥିଲେ।ଏହିପରିପ୍ରେକ୍ଷୀରେ ଶିଶୁମାନଙ୍କ ନିମନ୍ତେ ଏକ ଭୋଜି ଆୟୋଜିତ କରାଯାଇଥିଲା ଯେଉଁଥିରେ ଶିଶୁ ମାନଙ୍କ ସହ ସମ୍ମିଳିତ ହୋଇଥିଲେ ଅନୁଷ୍ଠାନର ଅଧକ୍ଷ ତଥା ଅତିରିକ୍ତ ଜିଲାପାଳ ବିରେନ୍ଦ୍ର କୁମାର ଦାସ। ସେ ଏହି ସମୟରେ ପିଲାମାନଙ୍କ ସହ ମିଶି ମଧ୍ୟାହ୍ନ ଭୋଜନ କରିବା ସହ ପିଲାମାନଙ୍କଠୁ ଗୀତ ଶୁଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର କୋଷାଧ୍ୟକ୍ଷ ତଥା ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ, ମିମାଂସା ସାହୁ, ରାକେଶ ପରିଡ଼ା, ଶୁଭେନ୍ଦୁ ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ସିସିଡ଼ି ସ୍ୱେଚ୍ଛାସେବୀ ଅନୁଷ୍ଠାନର ଜିଲା ସଂଯୋଜକ ବିଜୟ କେଶରୀ ପ୍ରଧାନ, ଜିଲା ଶିଶୁ ସୁରକ୍ଷା ୟୁନିଟ, ଉତ୍କଳ ବାଳାଶ୍ରମ ଓ ପ୍ରାଉଡ଼ ଶିଶୁଯତ୍ନ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବାଇକ୍‌କୁ ପିଟିଲା କାର: ଜଣେ ମୃତ

ଗୋପାଳପୁର,୧।୧ (ନବୀନ ରାଜ ଆଚାରୀ)

ଗୋଲନ୍ଥରା ଥାନା ୧୬ ନମ୍ବର ଜାତୀୟ ରାଜପଥର ଗୋଲନ୍ଥରା ଚଟିଛକ ନିକଟରେ ସୋମବାର ସନ୍ଧ୍ୟାରେ ବାଇକ ସହ କାର ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କୋଠାରସିଂ ଗ୍ରାମର ରୂପଙ୍ଗ ନାଇକ ଓ ଗୁରୁତର ହେଲେ ସୁନୀଲ ନାଇକ। ରୂପଙ୍ଗ ଓ ସୁନୀଲ ବାଇକରେ ସ୍ୱିକର ବକ୍ସ ଧରି ଚଟି ଗ୍ରାମ ଅଭିମୁଖେ ଆସୁଥିଲେ। ରାଜପଥ ପାର ହେଉଥିବା ବେଳେ ଭୁବନେଶ୍ୱରରୁ ବିଶାଖାପାଟଣା ଅଭିମୁଖେ ଯାଉଥିବା ଏକ କାର ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ୨ ଗୁରୁତରଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ରୂପଙ୍ଗଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ତାଙ୍କ ପରିବାର କହିଛନ୍ତି। କାର ଓ ବାଇକକୁ ପୋଲିସ ଜବତ କରି ଏକ ମାମଲା ରୁଜୁ ସହ ତଦନ୍ତ ଜାରି ରଖିଛି। ଅନ୍ୟପଟେ ଗୋଲନ୍ଥରା ଚଟି ଛକ ବ୍ଲାକ ସ୍ପଟ ରୂପେ ଚିହ୍ନଟ ହେବା ସହ ଅଣ୍ଡର ପାସ ନିର୍ମାଣରେ ବିଳମ୍ବ ଘଟୁଛି। ତୁରନ୍ତ ଏହା ନିର୍ମାଣ କରିବାକୁ ଦାବି ହୋଇଛି।

# ଏବେ ମିଳିବନି ପାଣି

- ମେଗା ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣରେ ବିଳମ୍ବ
- ପୁଣି ବର୍ଷେ ସମୟ ମାଗିଲା ଆରଡବ୍ଲ୍ୟୁଏସ୍‌ଏସ୍

ବ୍ରହ୍ମପୁର,୧।୧(ଅଶୋକ କୁମାର ସାହୁ)

ବ୍ରହ୍ମପୁର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ(ଆରଡବ୍ଲୁଏସ୍‌ଏସ୍) ପକ୍ଷରୁ ଗ୍ରାମାଞ୍ଚଳରେ ଜଳଯୋଗାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି। ହେଲେ ମେଗା ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣରେ କୌଣସି ନା କୌଣସି କାରଣରୁ ବିଳମ୍ବ ହେଉଛି। ଫଳରେ ଗଞ୍ଜାମ ଜିଲାର ଖଲ୍ଲିକୋଟ, ଛତ୍ରପୁର, ରଙ୍ଗେଇଲୁଣ୍ଡା, ଗଞ୍ଜାମ ବ୍ଲକର ୩୦୩ ଗାଁକୁ ନେଇ ଯେଉଁ ୨ଟି ମେଗା ଜଳ ଯୋଗାଣ ପ୍ରକଳ୍ପ ଯୋଜନା କରାଯାଇଛି ସେଥିପାଇଁ ବିଭାଗ ପକ୍ଷରୁ ପୁଣି ୧ ବର୍ଷ ସମୟ ମଗାଯାଇଛି। ଏଥିରୁ ଉକ୍ତ ଗାଁଗୁଡିକୁ ଏବେ ପାଣି ମିଳିବନି ବୋଲି ସ୍ପଷ୍ଟ ହୋଇଛି।

ଜଳଜୀବନ ମିଶନ ପାଣ୍ଠି ବ୍ୟୟରେ ଉପରୋକ୍ତ ୪ ବ୍ଲକ ପାଇଁ ୨ଟି ମେଗା ପ୍ରକଳ୍ପ ନିର୍ମାଣ କରାଯିବ। ସେଥିପାଇଁ କେନ୍ଦ୍ର ସରକାର ୫୦ ପ୍ରତିଶତ ଅର୍ଥ ଦେଉଥିବାବେଳେ ରାଜ୍ୟ ସରକାର ୫୦ ଭାଗ ଅର୍ଥ ପ୍ରଦାନ କରିବେ। ଗ୍ରାମାଞ୍ଚଳର ପ୍ରତ୍ୟେକ ଲୋକଙ୍କୁ ଦୈନିକ ୭୦ ଲିଟର ପାଣି ଯୋଗାଣ କରିବା ନିୟମ ରହିଛି। ଋଷିକୁଲ୍ୟା ନଦୀରୁ ଏହି ଜଳ ଯୋଗାଣ କରାଯିବ। ନଦୀର କଂସାରୀଗଣ୍ଡରେ ଏକ ଟ୍ରିଟମେଣ୍ଟ ପ୍ଲାଣ୍ଟ କରାଯିବ। ଏହି ପ୍ରକଳ୍ପ ଦ୍ୱାରା ଖଲ୍ଲିକୋଟ ବ୍ଲକର ୧୪୮ ଗାଁ, ଛତ୍ରପୁର ବ୍ଲକର ୭୧ ଗାଁ, ରଙ୍ଗେଇଲୁଣ୍ଡା ବ୍ଲକର ୭୮ ଗାଁ ଓ ଗଞ୍ଜାମ ବ୍ଲକର ୬ଟି ଗାଁ ପାଣି ପାଇବେ। ଖଲ୍ଲିକୋଟ ବ୍ଲକ ପାଇଁ ଯେଉଁ ମେଗା ପ୍ରକଳ୍ପ ହେବ ସେଥିପାଇଁ ୧୧୩.୪୮ କୋଟି ଟଙ୍କା ମଞ୍ଜୁର ହୋଇଛି। ସେହିପରି ଛତ୍ରପୁର, ରଙ୍ଗେଇଲୁଣ୍ଡା ଓ ଗଞ୍ଜାମ ପାଇଁ ଯେଉଁ ମେଗା ପ୍ରୋଜେକ୍ଟ ହୋଇଛି ସେଥିପାଇଁ ୧୭୯.୫୮ କୋଟି ଟଙ୍କା ମଞ୍ଜୁର ହୋଇଛି। ୨୦୨୧ରେ ଏହି ଦୁଇ ମେଗା ପ୍ରକଳ୍ପ ପାଇଁ କେଇସି ଠିକାଦାର ସଂସ୍ଥା ସହିତ ଚୁକ୍ତି ହୋଇଥିଲା। ଖଲ୍ଲିକୋଟ ପ୍ରକଳ୍ପ ପାଇଁ ୩୪ଟି ଟ୍ୟାଙ୍କ ନିର୍ମାଣ କରାଯିବ। ଘର ଘରକୁ ପାଣି ଯୋଗାଣ ପାଇଁ ୪୫୦ କିମି ପାଇପ ବିଛାଯିବ। ସେହିପରି ଛତ୍ରପୁର, ଗଞ୍ଜାମ ଓ ରଙ୍ଗେଇଲୁଣ୍ଡା ବ୍ଲକ ପାଇଁ ୫୨ ଟ୍ୟାଙ୍କ ନିର୍ମାଣ କରାଯିବ। ୬୬୭ କିମି ପାଇପ ବିଛାଯିବା ଯୋଜନା ରହିଛି। ୫ବର୍ଷ ଭିତରେ ପ୍ରକଳ୍ପର ରକ୍ଷଣାବେକ୍ଷଣ ଠିକାଦାର ସଂସ୍ଥା କରିବ ବୋଲି କୁହାଯାଇଛି। ଗ୍ରାମକୁ ଦେଖି ଟ୍ୟାଙ୍କଗୁଡିକର ଜଳଧାରଣ କ୍ଷମତା ନିର୍ଣ୍ଣୟ କରାଯିବ। ତେବେ ଉକ୍ତ ମେଗା ପ୍ରକଳ୍ପର ଅବଧି ୨ ବର୍ଷ ଥିବାବେଳେ କେତେକ ଆନୁଷଙ୍ଗିକ ଅବ୍ୟବସ୍ଥା ଯୋଗୁ ବିଳମ୍ବ ହୋଇଛି। ଯେଉଁ ସ୍ଥାନରେ ପ୍ରକଳ୍ପ ହେବ ତାହା ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କ ଜରିଆରେ ନିର୍ଣ୍ଣୟ ହେବ। ସେମାନେ ଆରଡବ୍ଲୁଏସଏସ ବିଭାଗକୁ କ୍ଲିନଚିଟ ଦେଲାପରେ ପ୍ରକଳ୍ପ ନିର୍ମାଣ ହେବ। ତେଣୁ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହୋଇଛି ବୋଲି ସମ୍ପୃକ୍ତ ବିଭାଗ ପକ୍ଷରୁ କୁହାଯାଇଛି। ଆଗକୁ ଖରାଦିନ ଆସୁଥିବାବେଳେ ଗ୍ରାମାଞ୍ଚଳରେ ପାନୀୟ ଜଳର ଉତ୍କଟ ଅଭାବ ଦେଖାଦେବ। ସେହି ଅନୁସାରେ ବିଭାଗ କିଭଳି ଶୀଘ୍ର ପ୍ରକଳ୍ପ କାର୍ଯ୍ୟ ସରିବ ସେଥିପାଇଁ ତତ୍ପର ହୋଇଛି। ଏ ସମ୍ପର୍କରେ ଆରଡବ୍ଲୁଏସଏସର ନିର୍ବାହୀ ଯନ୍ତ୍ରୀ ବିକାଶ କୁମାର ପତିଙ୍କୁ ପଚାରିବାରୁ ସେ କହିଲେ, ଯେ କୌଣସି ପ୍ରକଳ୍ପର ନିର୍ମାଣ ଅବଧି ୨ ବର୍ଷ ଥାଏ। କେତେକ ଆନୁଷଙ୍ଗିକ ପ୍ରକ୍ରିୟାରେ ବିଳମ୍ବ ଯୋଗୁ ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇପାରି ନ ଥିଲା। କିନ୍ତୁ ଏବେ ଜୋରସୋର କାମ ଚାଲିଛି। ଅନେକ ସ୍ଥାନରେ ପାଇପ ବିଛା ସହିତ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ ଚାଲିଛି। ସରକାରଙ୍କୁ ଅଧିକ ବର୍ଷେ ସମୟ ମଗାଯାଇଛି। ପ୍ରକଳ୍ପ ନିର୍ମାଣ ହେଲେ ଲୋକେ ପାଣି ପାଇବେ ବୋଲି ସେ କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com



@ ରାହୁଲ



@ ଶରତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଶଶିଭୂଷଣ ରଥଙ୍କ ଜୟନ୍ତୀ ପାଳିତ

ବ୍ରହ୍ମପୁର,୧।୧(ନରସିଂହ ସାହୁ)

ସ୍ଥାନୀୟ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ନବବର୍ଷ ତଥା ସୋମବାର ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନର ଅନ୍ୟତମ ରଥୀ ଏବଂ ସାମ୍ବାଦିକତା ଜଗତର ପୁରୋଧା ସ୍ୱର୍ଗତ ଶଶିଭୂଷଣ ରଥଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆୟୋଜିତ ସମାରୋହରେ କୃଷ୍ଣଚନ୍ଦ୍ର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଲିକୋଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ପ୍ରାକ୍ତନ କୁଳପତି ପ୍ରଫେସର ମନ୍ମଥ ପାଢ଼ୀ, ଇଂ. ଯାମିନୀକାନ୍ତ ଦାସ ଯୋଗଦେଇ ଶଶୀଭୂଷଣଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ପ୍ରତିଷ୍ଠାନର ମୁଖ୍ୟ ରବି ରଥ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ନବବର୍ଷ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଫେସର ଡ଼ମ୍ବରୁଧର ସାହୁ, ମହନ୍ତ ହରିହର ଦାସ, କବି ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ବଂଶୀଧର ନାୟକ, ରାମକୃଷ୍ଣ ପାତ୍ର ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ରଞ୍ଜନ କୁମାର ବ୍ରହ୍ମା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ସୁଶାନ୍ତ କର ସଂଯୋଜନା କରିଥିବା ବେଳେ ବିଭିନ୍ନ ସ୍ତରର ଅନେକ ଲୋକ ଉପସ୍ଥିତ ଥିଲେ। ପୁରୁଣା ବସଷ୍ଟାଣ୍ଡରେ ସ୍ଥାପିତ ଶଶୀଭୂଷଣଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ସଂଗଠନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା।

# ନୂଆବର୍ଷରେ ସବୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼





ବୁଢ଼ୀ ଠାକୁରାଣୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼।

ବ୍ରହ୍ମପୁର,ତା୧।୧ (ଅଶୋକ କୁମାର ସାହୁ)

ନୂଆ ବର୍ଷ ଆସିଛି। ସମସ୍ତେ ପୁରୁଣା ବର୍ଷକୁ ବିଦାୟ ଦେଇ ନୂଆବର୍ଷକୁ ସ୍ୱାଗତ କରିଛନ୍ତି। ସକାଳୁ ସମସ୍ତ ଘର ଆଗରେ ନୂଆବର୍ଷକୁ ସ୍ୱାଗତ ପାଇଁ ଝୋଟିଚିତା ଦେଖିବାକୁ ମିଳିଥିଲା। ପରସ୍ପରକୁ ହାପି ନ୍ୟୁ ୟୁର ବୋଲି ଶୁଭେଚ୍ଛା ଜଣାଉଥିବା ଦେଖା ଯାଇଥିଲା। ସମସ୍ତଙ୍କ ମନରେ ନୂତନ ପୁଲକ, ନୂଆ ଉନ୍ମାଦନା ଭରି ରହିଥିଲା। ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ବୟୋଜ୍ୟେଷ୍ଠଙ୍କ ପର୍ଯ୍ୟନ୍ତ ସମସ୍ତେ ବର୍ଷଟି କିଭଳି ଭଲରେ କଟିବ ସେଥିପାଇଁ ସମସ୍ତଙ୍କ ମନରେ ନୂଆ ଚିନ୍ତା ଥିବା ପରିଲକ୍ଷିତ ହୋଇଥିଲା। ତେବେ ନୂଆବର୍ଷର ପହିଲି ସୂର୍ଯ୍ୟକିରଣ ଧରାପୃଷ୍ଠ ଛୁଇଁବା ପରେ ପ୍ରାୟ ଲୋକ ମନ୍ଦିରମୁହାଁ ହେଉଥିବା ଦେଖାଯାଇଥିଲା। ବ୍ରହ୍ମପୁରର ପ୍ରତ୍ୟେକ ମନ୍ଦିର ସୋମବାର ଲୋକାରଣ୍ୟ ହୋଇପଡିଛି। ବ୍ରହ୍ମପୁର ପୁରୁଣା ବ୍ରହ୍ମପୁରରେ ଥିବା ବୁଢ଼ି ଠାକୁରାଣୀ ମନ୍ଦିରରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି। ଏଥି ସହିତ ଗୋସାଣିନୂଆଗାଁସ୍ଥିତ ଗୋକୁଳ ଧାମ, ଉତ୍ତେଶ୍ୱର ମନ୍ଦିର, ଗୋଇଲୁଣ୍ଡିସ୍ଥିତ ଲକ୍ଷ୍ମୀ ନୃସିଂହ ମନ୍ଦିର, ସୁକୁଣ୍ଡା ଲକ୍ଷ୍ମୀନୃସିଂହ ମନ୍ଦିର, ହଳଦିଆପଦର ଚନ୍ଦ୍ରକଣ୍ଟେଶ୍ୱର ମନ୍ଦିର, ଜଗନ୍ନାଥ ମନ୍ଦିର, ଇସ୍କନ ମନ୍ଦିର, ଗୋଲନ୍ଥରାସ୍ଥିତ ପଞ୍ଚମା ଗଣେଶ୍ୱର ପୀଠ ଓ ବଡବଜାର ଶେଷରେ ଥିବା ତ୍ରିମୂର୍ତ୍ତି ମନ୍ଦିର ଆଦିରେ ପ୍ରବଳ ଭିଡ ହୋଇଛି। କେତେକ ମନ୍ଦିରରେ ନାମ ସଂକୀର୍ତ୍ତନର ଦୃଶ୍ୟମାନ ହୋଇଥିଲା। ନୂଆବର୍ଷର ନୂଆ ଯୋଜନା ଆଶାରେ ଶ୍ରଦ୍ଧାଳୁମାନେ ଭଗବାନଙ୍କ ଆଶୀଷ ଭିକ୍ଷା ପାଇଁ ପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଅନ୍ୟପକ୍ଷରେ ଧନୁ ସଂକ୍ରାନ୍ତିରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ପହିଲି ଭୋଗର ପରମ୍ପରା ଥିବାରୁ ତାହା ପାଇବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ପ୍ରତ୍ୟେକ ମନ୍ଦିରରେ ଶୃଙ୍ଖଳିତ ଦର୍ଶନ ଦେଖିବାକୁ ମିଳିଛି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ୫୮ ବର୍ଷ

## ଆଜି ପ୍ରତିଷ୍ଠା ଦିବସ

ବ୍ରହ୍ମପୁର,୧।୧(ନରସିଂହ ସାହୁ)





ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୫୮ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳନ ହେବ। ସେଥିପାଇଁ ଭଞ୍ଜବିହାର କ୍ୟାମ୍ପସ ସଜେଇ ହୋଇଛି। ପ୍ରତିଷ୍ଠା ଦିବସ ପରିପ୍ରେକ୍ଷୀରେ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ହେବାକୁ ଥିବା ସମାରୋହରେ ଦିଲ୍ଲୀ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶାନ୍ତିଶ୍ରୀ ଡି ପଣ୍ଡିତ ମୁଖ୍ୟବକ୍ତା ଭାବେ ଏବଂ ସାରସ୍ୱତ ସାଧକ ହର ପ୍ରସାଦ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେବେ। କାର୍ଯ୍ୟକ୍ରମରେ ହରପ୍ରସାଦଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜାତୀୟ ସମ୍ମାନରେ ସମ୍ମାନିତ କରାଯିବ। କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବେ।

ସୂଚନାଯୋଗ୍ୟ, ୧୯୬୦ ଦଶକର ପ୍ରଥମ ଭାଗରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବୃହି ଛାତ୍ର ଆନ୍ଦୋଳନ ହୋଇଥିଲା। ତତ୍କାଳୀନ ଛାତ୍ର ନେତା ଡ଼ା. ସତ୍ୟବ୍ରତ ମହାପାତ୍ର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମଚନ୍ଦ୍ର ରଥ, ସନ୍ତୋଷ ମହାପାତ୍ର, ଭାଗିରଥୀ ମିଶ୍ର, ବସନ୍ତ ପଣ୍ଡା ପ୍ରମୁଖ ନେତୃତ୍ୱ ନେଇଥିଲେ। ଆନ୍ଦୋଳନ ଦକ୍ଷିଣ ଓଡ଼ିଶାକୁ ବ୍ୟାପି ଯାଇଥିଲା। ପରିସ୍ଥିତି ଅଣାୟତ୍ତ ହେବାରୁ ସରକାର ମୁଣ୍ଡ ନୁଆଁଇଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀ ୧୯୬୭ ଜାନୁୟାରୀ ୨ରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଘୋଷଣା କରିଥିଲେ। ଆରମ୍ଭରେ ମାତ୍ର ୨/୩ଟି ବିଭାଗକୁ ନେଇ ବ୍ରହ୍ମପୁର ସହରର ଭଡ଼ାଘରେ ପିଜି ପାଠ୍ୟକ୍ରମ ଆରମ୍ଭ କରାଗଲା। ହାଇକୋର୍ଟର ପ୍ରାକ୍ତନ ମୁଖ୍ୟ ବିଚାରପତି ତଥା ରାଜ୍ୟର ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଲିଙ୍ଗରାଜ ପାଣିଗ୍ରାହୀ ପ୍ରଥମ କୁଳପତି ହୋଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସମୁଦ୍ର ନିକଟସ୍ଥ ରଙ୍ଗେଇଲୁଣ୍ଡାରେ ବିସ୍ତୃତ ସରକାରୀ ଜମିରେ ସ୍ଥାୟୀ କ୍ୟାମ୍ପସ ନିର୍ମାଣ ହୋଇଛି। ୨୪ରୁ ଅଧିକ ବିଭାଗ ଖୋଲିଛି। କବି ସମ୍ରାଟଙ୍କ ସ୍ମୃତିରେ କ୍ୟାମ୍ପସ ନାମ ଭଞ୍ଜବିହାର ରଖାଯାଇଛି। ବିଡମ୍ବନାର ବିଷୟ ୫୮ ବର୍ଷର ଏହି ବିଶ୍ୱବିଦ୍ୟାଳୟରୁ ଅଦ୍ୟାବଧି ଜଣେ ବି ଆଇଏଏସ ସୃଷ୍ଟି ହୋଇନାହାନ୍ତି। ହାତଗଣତି ୨/୩ଜଣ ଆଇପିଏସ୍ ହୋଇଛନ୍ତି। ଅଳ୍ପ କେତେଜଣ ଆଇଏଫଏସ୍ (ଭାରତୀୟ ବନ୍ୟ ସେବା)ରେ କୃତକାର୍ଯ୍ୟ ହୋଇଛନ୍ତି। ଅନ୍ୟପକ୍ଷରେ ଅନେକ ଆଇଆରଏସ୍ ପାଇଁ ରେଲୱେ ଓ ଅନ୍ୟ ସର୍ବଭାରତୀୟ ସେବା ପାଇଁ କୃତକାର୍ଯ୍ୟ ହୋଇଛନ୍ତି।

ଏବେ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ ଓ ଗବେଷଣାକୁ ଏବେ ଚ୍ୟାଲେଞ୍ଜ ଭାବେ ନିଆଯାଇଛି। ଆଗାମୀ ଦିନରେ ଜାତୀୟ ସ୍ତରରେ ପ୍ରତିଷ୍ଠିତ ହେବାର ପ୍ରୟାସ ଚାଲିଛି। ଅନ୍ୟପକ୍ଷରେ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଅଭାବ ଅଛନ୍ତି। ପ୍ରାୟ ୧୮୫ ଶିକ୍ଷକ କର୍ମଚାରୀ ଆବଶ୍ୟକ ସ୍ଥଳେ ୧୧୨ ଥିବା ଶତାଧିକ ଅଣଶିକ୍ଷକ କର୍ମଚାରୀ ପଦ ଖାଲି ପଡ଼ିଛି। ରାଜ୍ୟରେ ଉଚ୍ଚଶିକ୍ଷାର ବିକାଶ ନିମନ୍ତେ ସରକାର ବହୁମୁଖୀ ପଦକ୍ଷେପ ନେଇଥିବାରୁ ଦକ୍ଷିଣ ଓଡ଼ିଶାର ଏହି ପ୍ରଥମ ବିଶ୍ୱବିଦ୍ୟାଳୟର ସମସ୍ତ ପଦ ପୂରଣ କରିବାକୁ ଶିକ୍ଷାବିତ୍ ମହଲରୁ ପ୍ରସ୍ତାବ ଦିଆଯାଇଛି।

# ବୁଦ୍ଧଖୋଲରେ ପର୍ଯ୍ୟଟକଙ୍କ ଭିଡ଼

ବୁଗୁଡ଼ା,୧।୧(କାଳି ଚରଣ ଦାଶ)

ଇଂରାଜୀ ନବ ବର୍ଷ ୨୦୨୪ର ପ୍ରଥମ ଦିବସରେ ଏଠାକାର ଐତିହାସିକ ଶୈବପୀଠ ତଥା ପର୍ଯ୍ୟଟନ ସ୍ଥଳୀ ବୁଦ୍ଧଖୋଲରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ବୁଦ୍ଧଖୋଲର ପଞ୍ଚଶମ୍ଭୁ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ବେଳେ ପାଦଦେଶସ୍ଥ ଶିବପାର୍ବତୀଙ୍କ ମୂର୍ତ୍ତି ନିକଟରେ ପର୍ଯ୍ୟଟକଙ୍କ ଗହଳି ଲାଗି ରହିଥିଲା। ଏଥିସହ ସୁଉଚ୍ଚ ହନୁମାନ ମୂର୍ତ୍ତି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଫଳରେ ବୁଦ୍ଧଖୋଲ ପାଦଦେଶ ଲୋକାରଣ୍ୟରେ ପରିଣତ ହୋଇଯାଇଥିଲା। ତେବେ ସେଠାରେ ଶାନ୍ତି ଶୃଙ୍ଖଳା ରକ୍ଷା ଏବଂ ଯାନବାହାନ ନିୟନ୍ତ୍ରଣ ପାଇଁ ବୁଦ୍ଧଖୋଲ ଉନ୍ନୟନ ସମିତି ପକ୍ଷରୁ ସୁବନ୍ଦୋବସ୍ତ କରାଯାଇଥିଲା। ସେହିପରି ନୂତନ ବର୍ଷର ପହିଲି ଦିନରେ ବୁଗୁଡ଼ା ସହରର ବିରଞ୍ଚି ନାରାୟଣ ମନ୍ଦିର ଏବଂ ବଳଦେବ ମନ୍ଦିର ସମେତ ଅନ୍ୟ ମନ୍ଦିରରେଠାକୁର ଦର୍ଶନ ପାଇଁ ଭକ୍ତଙ୍କର ସମାଗମ ଦେଖିବାକୁ ମିଳିଥିଲା।



ବୁଦ୍ଧଖୋଲ ବୁଲିବାକୁ ଆସିଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନେ।

# ୩ରୁ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

ବ୍ରହ୍ମପୁର,୧।୧(ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଜିଲା ମଞ୍ଚ କଳାକାର ସମ୍ମିଳନୀ ପକ୍ଷରୁ ଆସନ୍ତା ୩ରୁ ୯ ତାରିଖ ଯାଏଁ ୭ମ ରାଜ୍ୟସ୍ତରୀୟ ତଥା ୩୩ତମ ଦକ୍ଷିଣ ଓଡିଶା ନାଟକ ମହୋତ୍ସବ ବିଜୁ ପଟ୍ଟନାୟକ ସଂସ୍କୃତି ଭବନଠାରେ ହେବ। ରବିବାର ପ୍ରକାଶମ ହଲଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମଞ୍ଚ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ନାଟକ ମହୋତ୍ସବ ଉଦଘାଟନୀ ସନ୍ଧ୍ୟାରେ ଖୋର୍ଦ୍ଧାର ଆଦର୍ଶ କଳାକାର ନାଟ୍ୟ ଅନୁଷ୍ଠାନ ପକ୍ଷରୁ ନାଟକ 'ପ୍ରତିଶୋଧ' ଓ ୨ୟ ସନ୍ଧ୍ୟାରେ ନାଟକ ଅସ୍ତ୍ରାଗର ରଙ୍ଗ, ୩ୟ ଦିନ ଅବତାର ମାତୃଶକ୍ତି କଲଚୁରାଲ କ୍ରିଏଟିଭ ପକ୍ଷରୁ ନାଟକ 'ସତ ନା ମିଛ' ଓ ଶେଷ ଦିନ ଅମୁହାଁ ଗଳି ପରିବେଷଣ କରାଯିବ। ୫ମ ସନ୍ଧ୍ୟାରେ ନାଟକ ପଞ୍ଚମ ବେଦ ଓ ୬ଷ୍ଠ ରଜନୀରେ ଭାରତୀ କଳା ନିକେତନ, ଝରିଗାଁ ଓ ନୂପୁର ଏବଂ ବାରିପଦାର କଳାକାରଙ୍କ ଦ୍ୱାରା ନାଟକ 'ସନ୍ଦେଶ'ପରିବେଷିତ ହେବ। ଶେଷ ଦିନରେ ପୁରସ୍କାର ବିତରଣ ଉତ୍ସବ ପୂର୍ବରୁ କଳାକାର ସମ୍ମିଳନୀ ପକ୍ଷରୁ ସଠିକ ବିଚାର ନାଟକ ପ୍ରଦର୍ଶିତ ହେବ। ଏଥିସହ ଆଲୋଚନା ଚକ୍ର, ନୃତ୍ୟ ସଂଗୀତ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରହିଛି ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ସମ୍ମିଳନୀରେ ମଞ୍ଚର ସଭାପତି ବଳରାମ ଦାଶ, ସାଧାରଣ ସଂପାଦକ ରମେଶ ମହାରଣା, କାର୍ଯ୍ୟକାରୀ ସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା ଓ ଆବାହକ ଭବାନୀ ମିଶ୍ରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବିଜିପୁର ପୋଖରୀରେ ହେବ ବୋଟିଂ

- ସହରରେ ଆବର୍ଜନା ଗାଡ଼ି ସଂଖ୍ୟା ୧୩୨କୁ ବୃଦ୍ଧି
- ନିୟୋଜିତ ହେବେ ୧୩୦୦ ସଫେଇ କର୍ମଚାରୀ

ବ୍ରହ୍ମପୁର,୧।୧(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ ନୂଆ ବର୍ଷରେ ନୂଆ ଯୋଜନା କରିଛି। ସୌନ୍ଦର୍ଯ୍ୟକରଣ ଓ ସ୍ୱଚ୍ଛତା ଉପରେ ଅଧିକ ଗୁରୁତ୍ୱ ଦେଉଛି। ଏହି ପରିପ୍ରେକ୍ଷୀରେ ସହରର ପ୍ରମୁଖ ବିଜିପୁର ପୋଖରୀ ସୌନ୍ଦର୍ଯ୍ୟକରଣ ସହ ସେଠାରେ ବୋଟିଂ ବ୍ୟବସ୍ଥା କରାଯିବାକୁ ଯୋଜନା ରଖିଛି ବୋଲି ସୋମବାର ବିଏମସିର ସମ୍ମିଳନୀ କକ୍ଷରେ ଖବରଦାତାଙ୍କ ସହ ଆଲୋଚନା ବେଳେ କମିଶନର ଜେ ସୋନାଲ କହିଛନ୍ତି। ବର୍ତ୍ତମାନ ବିଏମସି ପକ୍ଷରୁ ସମସ୍ତ ଭୂତଳ ଡଷ୍ଟବିନ ଉଠାଯାଇଛି। ନୂଆ ଟେଣ୍ଡର ମାଧ୍ୟମରେ ସହରର ବିଭିନ୍ନ ଆବର୍ଜନା ପଏଣ୍ଟରୁ ଆବର୍ଜନା ଉଠାଯିବ। ପୂର୍ବରୁ ନିଗମ ପକ୍ଷରୁ ୪୨ ୱାର୍ଡରେ ଘର ଓ ବାଣିଜ୍ୟିକ ପ୍ରତିଷ୍ଠାନ ନିମନ୍ତେ ୫୩ ଆବର୍ଜନା ସଂଗ୍ରହ ଗାଡିଥିଲା। ସହରର ୫ ଜୋନ ପାଇଁ ଏହାକୁ ୧୩୨କୁ ବୃଦ୍ଧି କରାଯାଇଛି। ଯାହାକି ଆସନ୍ତା ୨୬ ତାରିଖରେ ଉଦଘାଟିତ ହେବ। ଗାଡି କିଣିବା ନିମନ୍ତେ ୱାର୍କ ଅର୍ଡର ଦିଆଯାଇଛି।



ବିଏମ୍‌ସି କମିଶନର ଯୋଜନା ବିଷୟରେ ମତ ଦେଉଛନ୍ତି।

ବର୍ତ୍ତମାନ ୯୦୦ ସଫେଇ କର୍ମଚାରୀ ଥିବାରୁ ଆର୍ବଜନା ଉଠିବା ସମସ୍ୟା ହେଉଛି। ତେଣୁ ଆଉ ୧୩୦୦ ସଫେଇ କର୍ମଚାରୀ ନିୟୋଜିତ ହେବେ। ସଫେଇ କର୍ମଚାରୀଙ୍କ ନିମନ୍ତେ ବାୟୋମେଟ୍ରିକ ବ୍ୟବସ୍ଥା ରହିବ। ପ୍ରତିୱାର୍ଡରେ ଟ୍ରାନପରେନ୍ସି ବୋର୍ଡ ଲଗାଯିବ। ଯେଉଁଥିରେ ସଫେଇ କର୍ମଚାରୀଙ୍କ ସଂଖ୍ୟା ଉଲ୍ଲେଖ ରହିବ। ଯଦ୍ଦାରା ଲୋକେ ସୂଚନା ପାଇପାରିବେ। ଏଥିସହ ଗାଡି ଗୁଡିକରେ ଜିପିଏସ ବ୍ୟବସ୍ଥା ରହିବ। ନିଗମରେ ରହିଥିବା ଇଣ୍ଟିଗ୍ରେଟେଡ କମାଣ୍ଡ ସେଣ୍ଟରରେ ରହିଥିବା କ୍ୟାମେରା ମାଧ୍ୟମରେ ଆବର୍ଜନା ସଂଗ୍ରହ ଗାଡି ଗୁଡିକ ଠିକ କାର୍ଯ୍ୟ କରୁଛି କି ନାହିଁ ଜଣାପଡିବ ବୋଲି କମିଶନର କହିଥିଲେ। ସେହିପରି ପ୍ରେମ ନଗର ରାସ୍ତା ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବାକୁ ପଦକ୍ଷେପ ନିଆଯାଇଛି। ଏଥି ସହ ବିଜିପୁର ପୋଖରୀ ପାର୍ଶ୍ୱରେ ଓ ଖଲିକୋଟ ବିଶ୍ୱବିଦ୍ୟାଳୟ ପାର୍ଶ୍ୱରେ ଫୁଡ କୋର୍ଟ କରାଯିବ। ବେଡା ବନ୍ଧର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ ହୋଇଛି। ରକ ଗାର୍ଡେନ ଭଳି ବେଡା ବନ୍ଧ ମଧ୍ୟ ସହରବାସୀଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିବ ବୋଲି କମିଶନର କହିଛନ୍ତି।

# ୫ବର୍ଷରେ ରେଳଧାରଣାରେ କଟିଛନ୍ତି ୩୯୦

## ୨୦୨୩ରେ ଯାଇଛି ୯୩ ଜୀବନ

ବ୍ରହ୍ମପୁର, ୧।୧(ସୁବାସ ଚନ୍ଦ୍ର ପାଢ଼ୀ)



ବ୍ରହ୍ମପୁର ରେଳ ଷ୍ଟେଶନ ଅଧୀନ ରେଳଧାରଣାରେ ୫ବର୍ଷରେ ୩୯୦ ଜଣଙ୍କ ଜୀବନ ଯାଇଛି। ୨୦୨୩ରେ କେବଳ ୯୩ ଜଣଙ୍କ ମୃତ୍ୟୁ ହୋଇଛି। ବ୍ରହ୍ମପୁର ଦେଇ ଦୈନିକ ୭୦ରୁ ଅଧିକ ଟ୍ରେନ ଯାତାୟାତ କରୁଛି। ଷ୍ଟେଶନରେ ଯାତ୍ରୀ ସୁରକ୍ଷା ପାଇଁ ସରକାରୀ ରେଳବାଇ ପୋଲିସ (ଜିଆର୍‌ପି) ଓ ରେଳ ସୁରକ୍ଷା ବଳ (ଆରପିଏଫ) ଥାନା ରହିଛି। ପ୍ରତିଦିନ ଏଠାରୁ ହଜାର ହଜାର ଲୋକ ଯାତ୍ରା କରୁଛନ୍ତି। କୌଣସି ନା କୌଣସି କାରଣରୁ ରେଳଧାରଣାରେ ମୃତ୍ୟୁ ବଢ଼ିଛି।

ରେଳବାଇ ପୋଲିସ ତଥ୍ୟ ଅନୁଯାୟୀ, ଜିଆରପି ଥାନାରେ ୨୦୧୯ରୁ ୨୦୨୩ ମଧ୍ୟରେ ମୋଟ ୩୯୦ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତନ୍ମଧ୍ୟରୁ ୧୭୭ ଜଣ ଟ୍ରେନରୁ ଖସିଯିବା ଓ ଧାରଣାରେ କଟିବା କାରଣରୁ ମରିଛନ୍ତି। ସେହିପରି ୧୨୧ ଜଣ ରେଳଧାରଣାରେ ଆତ୍ମହତ୍ୟା କରିଛନ୍ତି। ବ୍ରହ୍ମପୁର ଜିଆରପି ଥାନାର ସୀମା ୧୨୦କିମି ପରିଧି ମଧ୍ୟରେ ରହିଛି। ଖୋର୍ଦ୍ଧା ଜିଲାର ଚିଲିକାରୁ ସୀମା ଆରମ୍ଭ ହୋଇ ଗଞ୍ଜାମ, ଆନ୍ଧ୍ରପ୍ରଦେଶର ସୋମପେଟା, ଗଜପତି ଓ ଗୁଣପୁର ପର୍ଯ୍ୟନ୍ତ ବ୍ରହ୍ମପୁର ଜିଆରପି ଅଧୀନରେ ରହିଛି। ୨୦୧୯ରେ ୬୭ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଟ୍ରେନରୁ ଖସି ଓ ଧାରଣା ପାର ହେଉଥିବାବେଳେ ୨୬ ଜଣଙ୍କ ଜୀବନ ଯାଇଛି। ୨୬ ଜଣ ଆତ୍ମହତ୍ୟା କରିଛନ୍ତି। ୨୦୨୦ରେ ୫୫ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ୩୧ ଜଣଙ୍କ ଟ୍ରେନରୁ ଖସି ଓ ଧାରଣା ପାର ହେଉଥିବାବେଳେ ମୃତ୍ୟୁ ହୋଇଥିବା ବେଳେ ୧୨ ଜଣ ଆତ୍ମହତ୍ୟା କରିଛନ୍ତି। ୨୦୨୧ରେ ୬୯ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ୪୧ ଜଣଙ୍କ ଟ୍ରେନରୁ ଖସି ଓ ଧାରଣା ପାର ହେଉଥିବାବେଳେ ମୃତ୍ୟୁ ହୋଇଛି। ୨୨ ଜଣ ଆତ୍ମହତ୍ୟା କରିଛନ୍ତି। ୨୦୨୨ରେ ୧୦୬ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଟ୍ରେନରୁ ଖସି ଓ ଧାରଣା ପାର ହେଉଥିବାବେଳେ ୪୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩୩ ଜଣ ଆତ୍ମହତ୍ୟା କରିଛନ୍ତି। ୨୦୨୩ରେ ୯୩ ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ୩୬ ଜଣଙ୍କ ଟ୍ରେନରୁ ଖସି ଓ ଧାରଣା ପାରି ହେବା ବେଳେ ମୃତ୍ୟୁ ଘଟିଛି। ସେହିପରି ୨୮ ଜଣ ରେଳଧାରଣାରେ ଆତ୍ମହତ୍ୟା କରିଛନ୍ତି। ଟ୍ରେନରେ ଯାତ୍ରା ସମୟରେ ବଗିର କବାଟ ପାଖରେ ଛିଡ଼ା ନହେବା କି ନବସିବା ପାଇଁ ରେଳ ବିଭାଗ ତରଫରୁ ବିଭିନ୍ନ ପ୍ରକାର ବିଜ୍ଞାପନ, ପୋଷ୍ଟର୍ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ଏହା ସତ୍ତ୍ୱେ ଯାତ୍ରୀମାନେ କବାଟ ମୁହଁରେ ବସୁଥିବାରୁ ବିଭିନ୍ନ ସମୟରେ ଟ୍ରେନରୁ ଖସି ମୃତ୍ୟୁ ଘଟୁଥିବା ନଜିର ରହିଛି। ଅନ୍ୟପଟେ ରେଳଧାରଣାରେ ଆତ୍ମହତ୍ୟା ହେଉଛି। କୌଣସି କାରଣ ପାଇଁ କେହି ନିଜ ମାନସିକ ସ୍ଥିତି ହରାଇ ରେଳଧାରଣାକୁ ଚାଲି ଆସୁଥିବା ଦେଖିବାକୁ ମିଳିଛି। ଏ ଦିଗରେ ସଚେତନ ହେଲେ ଯାଇ ମୃତ୍ୟୁ ସଂଖ୍ୟା ହ୍ରାସ ପାଇବ ବୋଲି ଜିଆରପି ଭାରପ୍ରାପ୍ତ ଅଧିକାରୀ ବିକାଶ କୁମାର ପୋଲାଇ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

